# Akashvani, Sambalpur

## SAMBALPURI NEWS EVENING BULLETIN

**17 October 2024- 7.02 pm- 7.12 pm.**

*********************************************

୧- ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଚଣ୍ଡିଗଡ୍ ଠାନେ ଏନ୍‌ଡିଏ ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନ୍‌କର୍ ହେଲା ବୈଠକ୍ ।

୨- ଭାଷା, ସାହିତ୍ୟ, କଳା ଆର୍ ଆଧ୍ୟାତ୍ମିକତା ବାଗିର୍ ସାଂସ୍କୃତିକ ସ୍ତମ୍ଭ ଦେଶର୍ ପରିଚୟ ସୃଷ୍ଟି କର୍‌ସି- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଚିଲିକା ନ ବିଦେଶୀ ପକ୍ଷୀଙ୍କର୍ ସୁରକ୍ଷାର୍ ଲାଗି ଡ୍ରୋନ୍ ବେଭାର୍ କର୍‌ବାର୍‌କେ ଜଙ୍ଗଲ୍ ବିଭାଗ୍‌ର ନିଷ୍ପତି ।

ଆଉର୍

୪- ବଦ୍‌ଲିଲା ଟ୍ରେନ୍ ଟିକେଟ୍ ସଂରକ୍ଷଣ୍ ବ୍ୟବସ୍ଥା ।

- ୬୦ ଦିନ୍ ଆଘୋନୁ କରାଯାଇପାର୍‌ବା ଟିକେଟ୍ ବୁକିଂ ।

ଚଣ୍ଡୀଗଡ଼୍-ମୁଖ୍ୟମନ୍ତ୍ରୀ ବୈଠକ୍ ଆର୍ଏନ୍ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଚଣ୍ଡିଗଡ଼୍ ଠାନେ ଏନ୍‌ଡିଏ ଶାସିତ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନ୍‌କର୍ ଆଏଜ୍ ଉପର୍‌ବେଲା ବୈଠକ୍ ହେଇଛେ । ବୈଠକ୍‌ଥି ରାଜ୍ୟମାନ୍‌କର୍ ଉପମୁଖ୍ୟମନ୍ତ୍ରୀମାନେ ଭିଲ୍ ଯୋଗ୍ ଦେଇଥିଲେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂ ଆର୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବୈଠକ୍‌ଥି ଯୋଗ୍ ଦେଇକରି ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରିଛନ୍ । ସେନ୍ତା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଭିଲ୍ ବୈଠକ୍‌ଥି ସାମିଲ୍ ହେଇଥିଲେ । ସମ୍ବିଧାନ୍‌ର ଅମୃତ୍ ମହୋତ୍ସବ୍ ପାଲନ୍ ସହେତେ ଜାତୀୟ ବିକାଶ୍ ବାବ୍‌ଦେ ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଥି ବୈଠକ୍ ନ ଆଲୋଚନା ହେଇଥିବାର୍ ସୂଚନା ମିଲିଛେ ।

ଅଭିଧାମ୍ମ ଦିବସ ଆର୍ଏନ୍ୟୁ/କଟକ୍

ଭାଷା, ସାହିତ୍ୟ, କଳା ଆଉ ଆଧ୍ୟାତ୍ମିକତା ବାଗିର୍ ସାଂସ୍କୃତିକ୍ ସ୍ତମ୍ଭ ଦେଶର୍ ପରିଚୟ ସୃଷ୍ଟି କର୍‌ସି ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍

ଆନ୍ତର୍ଜାତିକ ଅଭିଧାମ୍ମ ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ମୋଦୀ କହିଛନ୍ ଯେ, ଦେଶ୍ ବିକାଶ୍ ରାସ୍ତାଥି ଆଗ୍‌କେ ବଢୁଥିବାର୍ ବେଲେ ଦେଶ୍‌ବାସୀ ଆତ୍ମସମ୍ମାନ୍, ଆତ୍ମବିଶ୍ୱାସ୍ ଆର୍ ଆତ୍ମଗର୍ବ ସାଙ୍ଗେ ସାମିଲ୍ ଅଛନ୍ । ଭଗବାନ୍ ବୁଦ୍ଧଙ୍କର୍ ଶିକ୍ଷା ଉପ୍‌ରେ ଆଲୋକପାତ କରିକରି ସେ କହିଛନ୍ ଯେ, ଭାରତ୍ ଅମୃତ କାଳ ଭାବେ ମୁଲ୍ ହେଇଥିବା ପରିବର୍ତନ୍ ଯାତ୍ରା -୨୦୪୭ଥି ବିକଶିତ୍ ଭାରତ୍ ସପନ୍ ସଙ୍ଗେ ଶେଷ୍ ହେବା । ଭଗବାନ୍ ବୁଦ୍ଧଙ୍କର୍ କାଳଜୟୀ ଶିକ୍ଷାକେ ଅନୁସରଣ୍ କରିକରି ଦେଶ୍ ବଢ଼୍‌ବାର୍‌କେ ଗୁଟେ ନୂଆଁ ମାର୍ଗ ଅପ୍‌ନଉଛେ ବଲି ସେ କହିଛନ୍ । ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରଥି ପୁର୍‌ଥି ନେତୃତ୍ୱ ନେବାର୍ ସହେତେ ସଂସ୍କୃତି ଆଉ ମୂଲ୍ୟବୋଧ ଉପ୍‌ରେ ଜୋର୍ ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ୍ ଦେଇଛନ୍ ।

ହରିଆଣାର୍ ମୁଖ୍ୟମନ୍ତ୍ରୀ-ଶପଥ୍ ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ବିଜେପି ନେତା ନାଏବ୍ ସିଂ ସାଇନି ଲଗାତାର୍ ୨ ନମ୍ବର୍ ଥର୍ ଲାଗି ଆଏଜ୍ ହରିଆଣାର୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେଇଛନ୍ । ପଂଚ୍‌କୁଲାର ଶାଲିମାର ପଡ଼ିଆ ନ ହେଇଥିବା ଶପଥ୍ ଗ୍ରହଣ୍ ସମାରୋହଥି ରାଜ୍ୟପାଲ୍ ବନ୍ଦାରୁ ଦତାତ୍ରେୟ ତାଙ୍କୁ ଆଉ ଅଲ୍‌ଗା ମନ୍ତ୍ରୀ ମାନ୍‌କୁ ଶପଥ୍ ପାଠ୍

କରେଇଛନ୍ । ଇ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ସହେତେ ଦଲର୍ ବରିଷ୍ଠ ନେତାମାନେ ଯୋଗ୍ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଇ ସମାରୋହଥି ଯୋଗ୍ ଦେଇଥିଲେ । ଲଗାତାର୍ ୨ ନମ୍ବର୍ ଥର୍ ଲାଗି ହରିଆଣାର୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେଇଥିବାର୍‌ନୁ ଶ୍ରୀ ଶଇନୀଙ୍କୁ ଶ୍ରୀ ମାଝୀ ଶୁଭେଚ୍ଛା ଜନେଇଛନ୍ ।

କେନ୍ଦ୍ର ମନ୍ତ୍ରୀ ଗଡ଼୍‌କରୀ          ଆର୍‌ଏନ୍‌ୟୁ/ କଟକ୍

ଦେଶେ ପୋଲ୍ ଆର୍ ମେଟ୍ରୋମାନ୍‌କର୍ ତିଆରି ଖର୍ଚ୍ଚାକେ ଆଧୁନିକ୍ ଶୈଲୀର୍ ଉପଯୋଗ୍ ଜରିଏ ୨୫ ପ୍ରତିଶତ୍‌କେ କମ୍ କରାଯାଇପାରିଛେ ବଲି କେନ୍ଦ୍ର ସଡ଼କ, ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନିତିନ୍ ଗଡ଼୍‌କରୀ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ନୀତିଆୟୋଗ୍ ତର୍‌ଫୁ ମିଥାନଲ୍ ସେମିନାର୍ ଆର୍ ଏକ୍ସପୋ-୨୦୨୪ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ଶ୍ରୀ ଗଡ଼୍‌କରୀ କହିଛନ୍ ଯେ, ମାଲେସିଆର୍ ଜ୍ଞାନ୍‌କୌଶଲ୍‌ଥି ତିଆର୍ କରାଯାଇଥିବା ଅଲଟ୍ରା ଏନ୍‌ଫୋର୍ସମେଂଟ୍ କଂକ୍ରିଟ୍ ବେଭାର୍ କରିକରି ଇ ସଫଲତା ମିଲିଛେ । ସେ କହିଛନ୍ ଯେ, ବାୟୋ ଡିଜେଲ୍ ଆର୍ ବିକଳ୍ପ ଇନ୍ଧନ୍ ରପ୍ତାନୀ କ୍ଷେତ୍ରଥି ଦେଶେ ବହୁତ୍ ସୁଯୋଗ୍ ରହିଛେ । ଭାରତ୍ ପୁର୍‌ଥିର୍ ୩ ନମ୍ବର୍ ବୃହତ୍

ଅଟୋମୋବାଇଲ୍ ଶିଳ୍ପର୍ ମାନ୍ୟତା ହାସଲ୍ କରିଥିବାର୍ ସେ କହିଛନ୍ ।

ଶ୍ରୀମନ୍ଦିର୍- କାର୍ତ୍ତିକ ବ୍ରତ ଆର୍‌ଏନ୍‌ୟୁ / କଟକ୍

ପୁରୀ ଶ୍ରୀକ୍ଷେତ୍ର ନ ହବିଷ୍ୟାଲୀମାନ୍‌କର୍ ସୁବିଧା ଆଉ ଶ୍ରୀଜୀଉଙ୍କୁ ଶୃଙ୍ଖଳିତ ଦର୍ଶନ୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ଶ୍ରଦ୍ଧାଳୁମାନେ ସିଂହଦୁଆର୍ ଆର୍ ପଶ୍ଚିମ ଦୁଆର ଦେଇକରି ମନ୍ଦିର୍ ଭିତର୍‌କେ ଯାଇପାର୍‌ବେ । ସେନ୍ତା ସେମାନେ ସିଂହଦୁଆର ଛଡ଼ା ଅଲ୍‌ଗା ୩ ଟା ଦୁଆର ଦେଇକରି ବାହାର୍‌ବେ । ହବିଷ୍ୟାଲୀମାନ୍‌କର୍ ସୁବିଧା ଆର୍ ସୁରକ୍ଷାକେ ନଜର୍‌ଥି ରଖିକରି ହେଲ୍ପଲାଇନ୍ ନମ୍ବର୍ ଜାରି କରାଯିବା ବଲି ଶ୍ରୀ ହରିଚନ୍ଦନ୍ କହିଛନ୍ । ପୁରୀ ନ ସେମାନ୍‌କର୍ ରହଣୀନୁ ନେଇକରି ଦର୍ଶନ୍‌ତକ୍ ପୁରା ବ୍ୟବସ୍ଥାକେ ଶୃଙ୍ଖଳିତ୍ ଭାବେ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ । ହବିଷ୍ୟାଲୀମାନ୍‌କର୍ ଲାଗି ଅନ୍‌ଲାଇନ୍ ଜରିଏ ପଞ୍ଜିକରଣ୍‌ର ବ୍ୟବସ୍ଥା ହେଇଥିଲା । ଇ ବଛର୍ ପଞ୍ଜିକରଣ୍ ନାଇଁ କରିପାରିଥିବା ହବିଷ୍ୟାଲୀମାନେ ଆଏବା ବଛର୍ ଇତାର୍ ସୁଯୋଗ୍ ନେବାର୍‌କେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ପରାମର୍ଶ ଦେଇଛନ୍ ।

ଚିଲିକା-ଡ୍ରୋନ୍ ବେଭାର୍        ଆର୍ଏନ୍ୟୁ/ କଟକ୍

ଚିଲିକାକେ ଆସୁଥିବା ବିଦେଶୀପକ୍ଷୀମାନ୍କର୍ ସୁରକ୍ଷା ଲାଗି ଡ୍ରୋନ୍ ବେଭାର୍ କର୍ବାର୍କେ ଜଙ୍ଗଲ୍ ବିଭାଗ୍ ନିଷ୍ପତି ନେଇଛେ । ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କର୍ ସୂତ୍ରନୁ ମିଲିଥିବା ସୂଚ୍ନା ଅନ୍ସାରେ ଇ ମାସ୍ନୁ ଚିଲିକା ନ ବିଦେଶୀ ପକ୍ଷୀଙ୍କର୍ ଆଏବାର୍ ମୁଲ୍ ହେଇଛେ । ଫି’ ବଛର୍ ବାଗିର୍ ଇଥର ଭିଲ୍ ପକ୍ଷୀଙ୍କର୍ ସୁରକ୍ଷା ଲାଗି ଅସ୍ଥାୟୀ ଜଗୁଆଲୀ ନିଯୁକ୍ତ ହେଇଛନ୍ । ଚିଲିକା ବନ୍ୟପ୍ରାଣୀ ବନଖଣ୍ଡଥି ଇଥିର୍ଲାଗି ୨୧ ଟା କେମ୍ପ୍ କରାଯାଇଛେ । ପକ୍ଷୀ ଶିକାର୍ ଲାଗି ଚିହ୍ନଟ୍ ହେଇଥିବା ସମ୍ବେଦନ୍ଶୀଲ୍ ଇଲାକା ଉପ୍ରେ ବନଖଣ୍ଡ ତର୍ଫୁ ନଜର୍ ରଖାଯାଇଛେ । ଡ୍ରୋନ୍ ଜରିଏ ପକ୍ଷୀମାନ୍କର୍ ଲାଗି ବିପଦ୍ ସୃଷ୍ଟି କରୁଥିବା ସବୁ ପଦକ୍ଷେପ୍ ଉପ୍ରେ ନଜର୍ ରଖାଯାଇପାର୍ବା ବଲି ଜନାପଡ଼ିଛେ । ଦର୍କାର୍ ପଡ଼୍ଲେ ପକ୍ଷୀ ଶିକାରୀଙ୍କୁ ଜଗ୍ବାର୍ ଲାଗି ଖୋର୍ଦ୍ଧା ବନଖଣ୍ଡଠାନୁ ସ୍ୱତନ୍ତ୍ର ଡ୍ରୋନ୍ ଅନାଯିବା ବଲି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଟ୍ରେନ୍ ସଂରକ୍ଷିତ ଟିକେଟ୍ ବୁକିଂ ବ୍ୟବସ୍ଥା        ପ୍ରେସ୍ ରିଲିଜ୍

ଭାରତୀୟ ରେଲ୍‌ବାଇ ତର୍ଫୁ ଟ୍ରେନ୍ ସଂରକ୍ଷିତ ଟିକେଟ୍ ବୁକିଂ ବ୍ୟବସ୍ଥାଥି ପରିବର୍ତ୍ତନ୍ କରାଯାଇଛେ । ଏଛେନ୍ ଯାତ୍ରାର୍ ୬୦ ଦିନ୍ ଆଘୋନୁ ସଂରକ୍ଷିତ ଟିକେଟ୍ ବୁକିଂ ହେଇପାର୍‌ବା । ଇ ନିୟମ୍ ଆଏବା ମାସ ନଭେମ୍ବର୍ ୧ ତାରିଖ୍‌ନୁ ଲାଗୁ ହେବା । ଆଘୋନୁ ଇ ସମିଆ  ଶହେ ୨୦ ଦିନ୍ ଥିବାର୍ ବେଲେ ଟିକେଟ୍ ସଂରକ୍ଷଣ୍ ବ୍ୟବସ୍ଥାଥି ସୁଧାର୍ ଆନ୍‌ବାର୍ ଲାଗି ଇଟାକେ କମ୍ କରାଯାଇଛେ ବଲି ରେଲ୍‌ବାଇ ତର୍ଫୁ ସୂଚ୍‌ନା ମିଲିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ତାଜ୍, ଗୋମତୀ ଏକ୍ସପ୍ରେସ୍ ବାଗିର୍ କେତେଟା ନିର୍ଦ୍ଦିଷ୍ଟ ଟ୍ରେନ୍ କ୍ଷେତ୍ର ନ ଇ ନିୟମ୍ ଲାଗୁ ନାଇଁ ହୁଏ । ସେନ୍ତା ବିଦେଶୀ ଯାତ୍ରୀମାନ୍‌କର୍ ବୁକିଂ ଲାଗି କେନ୍‌ସି ନିୟମ୍ ବଦ୍‌ଲା ନାଇଁ ଯାଇ ।

## ଆଘର୍ ସାଂସଦ୍ ପ୍ରଭାତ୍ ସାମନ୍ତରାୟ-ପରଲୋକ

ଆର୍‌ଏନ୍‌ୟୁ/ କଟକ୍

ଆଘର୍ ସାଂସଦ୍ ପ୍ରଭାତ୍ ସାମନ୍ତରାୟଙ୍କର୍ ଭୁବ୍‌ନେଶ୍ୱର୍ ନ ପରଲୋକ ହେଇଯାଇଛେ । ଶ୍ରୀ ସାମନ୍ତରାୟ ତାଙ୍କର୍ ରାଜନୈତିକ ଜୀବନ୍ ଜନତା ଦଲ୍‌ନୁ ମୁଲ୍ କରିଥିଲେ । କେନ୍ଦ୍ରାପଡ଼ା ନିର୍ବାଚନ୍ ମଣ୍ଡଲୀନୁ ବିଜୁ ଜନତା ଦଲ୍ ପ୍ରାର୍ଥୀ ଭାବେ ୨ ଥର୍ ନିର୍ବାଚିତ ହେଇଥିଲେ । ପହେଲାଥର ସେ ୧୯୯୮ ନୁ ୧୯୯୯ ତକ୍ ଆଉ ୨ ନମ୍ବର୍ ଥର୍ ୧୯୯୯ ନୁ

୨୦୦୪ ତକ୍ କେନ୍ଦ୍ରାପଡ଼ାନୁ ଲୋକ୍‌ସଭାକେ ନିର୍ବାଚିତ୍ ହେଇଥିଲେ । ତାଙ୍କର୍ ବିୟୋଗ୍‌ଥି ଭିନ୍ ଭିନ୍ ମହଲ୍‌ଥି ଶୋକପ୍ରକାଶ୍ ପାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରୀ ସାମନ୍ତରାୟଙ୍କ ବିୟୋଗଥି ଗଭୀର ଶୋକପ୍ରକାଶ୍ କର୍‌ବାର୍ ସହେତେ ଶୋକସନ୍ତପ୍ତ ପରିବାର୍‌କେ ସମବେଦନା ଜନେଇଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କର୍ ଶୋକବାର୍ତାଥି କହିଛନ୍ ଯେ, ସାମାଜିକ୍ ଆଉ ରାଜନୈତିକ୍ କ୍ଷେତ୍ରଥି ଶ୍ରୀ ସାମନ୍ତରାୟଙ୍କର୍ ଅବଦାନ୍ ସବୁଦିନ୍ ଲାଗି ମନେ ରହେବା ।

ବୌଦ୍ଧ- କୁମାର ପୂର୍ଣ୍ଣିମା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଶକ୍ତିପୀଠମାନ୍‌କେ ମା’ ମାହେଶ୍ୱରୀଙ୍କର୍ ଯାତ୍ରା ଆର୍ କୁମାର ପୂର୍ଣ୍ଣିମା ଉତ୍ସବ୍ ଅନୁଷ୍ଠିତ୍ ହେଉଛେ । ବଲାକିରା ଗାଁର୍ ମାହେଶ୍ୱରୀ ଶକ୍ତିପୀଠ ନ ଡୁମାଲ୍ ସମାଜ୍ ତର୍‌ଫୁ ହେଇଥିବା କୁମାର୍ ପୂର୍ଣ୍ଣିମା ଉତ୍ସବ୍‌ଥି ୫ଟା ପଂଚାୟତ୍‌ର ୨୫ଟା ଗାଁର୍ ଡୁମାଲ୍ ସମାଜ୍‌ର ପରିବାର୍ ସାମିଲ୍ ହେଇଥିଲେ । ପରମ୍ପରା ଅନ୍‌ସାରେ ମାହେଶ୍ୱରୀଙ୍କର୍ ପୂଜା, ଆଲ୍‌ତୀ ଆର୍ ହୋମ୍ ଉତାରୁ ମା’ଙ୍କର୍ ଖଣ୍ଡାକେ ଛତ୍ରଥି ନଗର୍ ପରିକ୍ରମା କରାଯାଇଥିଲା । ସେନ୍ତା ବାମଣ୍ଡା, ବୀରସିଂପୁର୍ ଗାଁ ନ

ଥିବା ଶକ୍ତିପୀଠ ନ ମା ମାହେଶ୍ୱରୀଙ୍କର୍ ଯାତ୍ରା ଆଉ କୁମାର୍ ପୂର୍ଣ୍ଣିମା ଉତ୍ସବ୍ ଅନୁଷ୍ଠିତ୍ ହେଇଛେ ।

## ଗଜଲକ୍ଷ୍ମୀ ପୂଜା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଭିନ୍ ଭିନ୍ ଇଲାକା ନ କୁମାର ପୂର୍ଣ୍ଣିମା ଅବ୍ସରେ ଗଜଲକ୍ଷ୍ମୀ ପୂଜା ମୁଲ୍ ହେଇଛେ । ବୌଦ୍ଧ ଏନ୍ଏସି ଛକ୍ ଠାନେ ଲକ୍ଷ୍ମୀବଜାର୍ ପୂଜା କମିଟି ତର୍ଫୁ ମା ଲକ୍ଷ୍ମୀଙ୍କର୍ ପୂଜାର୍ଚ୍ଚନା ପରମ୍ପରା ଅନ୍ସାରେ ମୁଲ୍ ହେଇଥିବାର୍ ବେଲେ ବୁଟୁପାଲି, ନପୁଆନାଲି ଆର୍ ଦେବ୍ଗଡ୍ ଗାଁ ନ ଗଜଲକ୍ଷ୍ମୀ ପୂଜା ହେଉଛେ । ପୂଜା ମଣ୍ଡପ୍ ମାନ୍କେ ରଙ୍ଗୀନ୍ ଆଲୋକମାଳାଥି ମଣ୍ଡପ୍ ସବୁ ସଜା ହେଇଛେ । ସେନ୍ତା କଂଟାମାଲ୍, ପଲ୍ସାଗୁରା, ଘଂଟାପଡ଼ା, ଆମ୍ବଗାଁ, ଖୁଂଟିଗୋରା, ରୁଣ୍ଡିମହୁଲ୍ ଆର୍ ମନମୁଣ୍ଡା ନ ଗଜଲକ୍ଷ୍ମୀ ପୂଜା ମହାସମାରୋହଥି ପାଳନ୍ କରାଯାଉଛେ ।

## ଗଜଲକ୍ଷ୍ମୀଙ୍କର୍ ପୂଜା-ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଗଜଲକ୍ଷ୍ମୀଙ୍କର୍ ପୂଜା ମୁଲ୍ ହେଇଛେ । ସୋନ୍ପୁର୍ ସହରର୍ ୩ ଟା ଜାଗା ପ୍ରମୁଖ ମେଢ଼ ସହେତେ ବୀର୍ମହାରାଜ୍ପୁର୍ ଉପଖଣ୍ଡର୍ ମୁର୍ଷୁଣ୍ଡି ଆଉ

ଖଁଡ୍‌ହତା ଠାନେ ପୂଜାମଣ୍ଡପ୍ ନ ଦେବୀଙ୍କର୍ ପୂଜା ଆରାଧନା ଚାଲିଛେ । ପୂଜା ଆଘୋନୁ ଇ ଦୁହି ଜାଗା ନ ହେଇଥିବା କଲସ୍ ଯାତ୍ରାଥି ବହୁତ୍‌ଟେ ମହିଳା ଭାଗ୍ ନେଇଥିଲେ । ମା’ ଗଜଲକ୍ଷ୍ମୀଙ୍କର୍ ଦର୍ଶନ୍ ଲାଗି ସବୁ ଜାଗାନୁ ଭକ୍ତମାନ୍‌କର୍ ଭିଡ୍ ହଉଥିବାର୍ ବେଲେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ସେନ୍ତା ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଲକ୍ଷ୍ମୀଛକ୍ ନ ଗଜଲକ୍ଷ୍ମୀ ପୂଜା ହେଉଛେ । ଗଲା ମଙ୍ଗଲ୍‌ବାର୍ ଦିନ ମହିଳାମାନେ କଲସ୍‌ଯାତ୍ରାଥି ସାମିଲ୍ ହେଇକରି ନଗର୍ ପରିକ୍ରମା କରିଥିଲେ ଆଉ ସେହିଦିନୁ ସଖାଲ୍ ଆଲ୍‌ତୀ, ସନ୍ଧ୍ୟା ଆଲ୍‌ତୀ ସମିଆଥି ବହୁତ୍‌ଟେ ଭକ୍ତ ଯୋଗ୍ ଦେଇଥିଲେ ।

ଚକୋଟିଆ ଭୁଞ୍ଜିଆ-ସୁନାଦେଇ ଯାତ୍ରା   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍‌ର ସୁନାବେଡ଼ା ଅଭୟାରଣ୍ୟଥି ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆମାନ୍‌କର୍ ଅଧିଷ୍ଠାତ୍ରୀ ଦେବୀ ମା’ ସୁନାଦେଇଙ୍କର୍ ଯାତ୍ରା ହେଇଯାଇଛେ । ଅଭୟାରଣ୍ୟ ନ ରହୁଥିବା ୨୪ ଖଁଡ୍ ଗାଁ ସହେତେ ଅଭୟାରଣ୍ୟର୍ ତଲେ ରହୁଥିବା ଆଦିବାସୀ ଗାଁର୍ ଅଧିବାସୀ ମାନେ ସାମିଲ୍ ହେଇଛନ୍ । ପୀଠନୁ ମା ସୁନାଦେଇଙ୍କର୍ ଛତର୍ ଲିଙ୍ଗଭଟାକେ ଯାଇଥିସନ୍ ।

ସେଠାନେ ଦେହେ ବରୁଆ ଆସିକରି ଗାଁର୍ ପରିକ୍ରମା କରସନ୍ ।

ସାତକୋଶିଆ- ମହାବଳ ବାଘ        ଆର୍ଏନ୍ୟୁ/ କଟକ୍

ସାତକୋଶିଆ ଅଭୟାରଣ୍ୟଥି ଖୋବ୍ ଜଲ୍ଦି ମହାବଳ ବାଘ୍ ଆନ୍ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ ସୁଶାନ୍ତ ନନ୍ଦ କହିଛନ୍ । ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କର୍ ନିଷ୍ପତି ଅନ୍ସାରେ ୫ ବଛର୍ ଭିତ୍ରେ ପାଖାପାଖି ୧୪ ଟା ବାଘ୍ ସାତକୋଶିଆ ଅଭୟାଣ୍ୟକେ ଅନାଯିବାର୍ ବ୍ୟବସ୍ଥା ହେଇଛେ ବଲି ଶ୍ରୀ ନନ୍ଦ କହିଛନ୍ । ସେ କହିଛନ୍ ଯେ, ଅଭୟାରଣ୍ୟଥି ଇଥିର୍ଭିତ୍ରେ ୧୨ ଟା ଅତ୍ୟାଧୁନିକ ପେଟ୍ରୋଲିଂ ଭେନ୍ ଦିଆଯାଇଛେ । ଅଭୟାରଣ୍ୟର୍ ରେଞ୍ଜ୍ କାର୍ଯ୍ୟାଳୟର୍ ଦକ୍ଷତା ବଢ଼ାବାର୍ ଲାଗି ଇ ବ୍ୟବସ୍ଥା କରାଯାଇଛେ ।

ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ        ଆର୍ଏନ୍ୟୁ /ସମ୍ବଲପୁର

ଦାରିଦ୍ର୍ୟ ବାବ୍ଦେ ସଚେତନତା ସୃଷ୍ଟି କର୍ବାର୍ ଲାଗି ଆଏଜ୍ ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ୍ ପାଲନ୍ ହେଉଛେ । ଫି’

ବଛର୍ ଅକ୍ଟୋବର୍ ୧୭ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛ୍ରର୍ ବିଷୟବସ୍ତୁ ହେଉଛେ 'ସାମାଜିକ ଆନୁଷ୍ଠାନିକ ଅସଦାଚରଣ୍ରର ସମାପ୍ତ, ନ୍ୟାୟପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ଆଉ ଅନ୍ତର୍ଭୁକ୍ତ ସମାଜ ଲାଗି ଏକାସାଙ୍ଗେ କାମ୍ କର୍ବା' । ଇନ ଜନେଇ ଦିଆଯାଇପାରେ ଯେ, ଇ ଦିବସ୍ ପାଲନ୍ ଲାଗି ୧୯୯୨ ମସିହାଥି ମିଳିତ ଜାତିସଂଘ ନ ଗୁଟେ ପ୍ରସ୍ତାବ ଗୃହୀତ ହେଇଥିଲା ।